ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ୨୦୨୦-୨୧ ବର୍ଷ ପାଇଁ ଶିଶୁଯତ୍ନ ଅନୁଷ୍ଠାନକୁ ଆର୍ଥିକ ଅନୁଦାନ

**ଭୁବନେଶ୍ୱର : ୦୬ ଅପ୍ରେଲ,୨୦୨୦**

ରାଜ୍ୟ ସରକାର ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ରାଜ୍ୟରେ ଥିବା ଶିଶୁଯତ୍ନ ଅନୁଷ୍ଠାନଗୁଡ଼ିକୁ ଆର୍ଥିକ ଅନୁଦାନ ପ୍ରଦାନ କରିଛନ୍ତି । ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ଅନୁମୋଦନ କ୍ରମେ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି, ଶିଶୁ ସୁରକ୍ଷା ଯୋଜନା ଅଧୀନରେ ଅନୁଦାନପ୍ରାପ୍ତ ୧୨୮ ଗୋଟି ଅନୁଷ୍ଠାନକୁ ୬ କୋଟି ୫୪ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି । ସେହିପରି ଲକ୍ ଡାଉନ୍ ସମୟରେ ଅଣଅନୁଦାନପ୍ରାପ୍ତ ଶିଶୁଯତ୍ନ ଅନୁଷ୍ଠାନର ସୁପରିଚାଳନା ତଥା ଆବଶ୍ୟକୀୟ ଦ୍ରବ୍ୟ କ୍ରୟ ନିମନ୍ତେ ରାଜ୍ୟ ସରକାର ୧୦୧ ଗୋଟି ଅନୁଷ୍ଠାନକୁ ୩୯ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରିଛନ୍ତି । ୨୫ରୁ କମ୍ ଅନ୍ତେବାସୀ ଥିବା ଅନୁଷ୍ଠାନଗୁଡ଼ିକୁ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଥିବାବେଳେ ୨୫ରୁ ଅଧିକ ଅନ୍ତେବାସୀ ଥିବା ଅନୁଷ୍ଠାନଗୁଡ଼ିକୁ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଛି । ଏଠାରେ ସୂଚନାଯୋଗ୍ୟ କରୋନାର ଭୟାବହତାକୁ ଦୃଷ୍ଟିରେ ରଖି ରାଜ୍ୟର ବିଭିନ୍ନ ସ୍ଥାନରେ ଲକ୍ ଡାଉନ୍ ଓ ସଟ୍ ଡାଉନ୍ ଜାରି ରହିଥିବାବେଳେ ରାଜ୍ୟରେ ୨୪୪ଗୋଟି ଶିଶୁଯତ୍ନ ଅନୁଷ୍ଠାନରେ ୯୨୦୦ ଜଣ ଶିଶୁ ଶୃଙ୍ଖଳିତ ଜୀବନଯାପନ କରୁଛନ୍ତି । ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁମାନଙ୍କୁ ୧୯୬ ଗୋଟି ଶିଶୁ ଗୃହ, ୨୮ଟି ସ୍ୱତନ୍ତ୍ର ପୋଷ୍ୟଗ୍ରହଣ କେନ୍ଦ୍ର, ୧୨ଟି ମୁକ୍ତ ଆଶ୍ରୟ ସ୍ଥଳରେ ରଖାଯାଇଥିବାବେଳେ ଆଇନ ସହ ଦ୍ୱନ୍ଦଗ୍ରସ୍ତ ଶିଶୁମାନଙ୍କୁ ରାଜ୍ୟରେ ଥିବା ୪ଟି ପର୍ଯ୍ୟବେକ୍ଷଣ ଗୃହରେ ରଖାଯାଇଛି ।

ସୁଚେତା ପ୍ରିୟଦର୍ଶିନୀ
ସୂଚନା ଅଧିକାରୀ